## ସମ୍ବଲପୁର ଜିଲ୍ଲାରେ ଧାନ କିଣା କେଳେଙ୍କାରୀ: ୨୨,୨୫୦ ବସ୍ତା ଧାନ ଠାବ

# ୧୦ ରାଇସ୍ ମିଲ୍ ଉପରେ ଚଢ଼ଉ

ପ୍ରଫୁଲ୍ଲ କୁମାର ଦାଶ, ସମ୍ବଲପୁର, ୧୩।୧୧ :



ଧାନ କିଣା ବିକାରେ ବ୍ୟାପକ କଟକଣା ଓ କୃଷୀ ସଂଗଠନର ତୀକ୍ଷ୍ଣ ନଜର ସତ୍ତ୍ୱେ ସମ୍ବଲପୁର ଜିଲ୍ଲାରେ ମଣ୍ଡି ଖୋଲିବା ପୂର୍ବରୁ ଧାନ କିଣା କେଳେଙ୍କାରୀ ଆରମ୍ଭ ହୋଇଯାଇଛି । ପୂର୍ବବର୍ଷ ମାନଙ୍କରେ ମଧ୍ୟ ଏଭଳି ବେଆଇନ କାରବାର ଚାଲିଥିଲା, ମାତ୍ର ଏଥର ଏହା ପ୍ରଶାସନର ନଜରକୁ ଆସିବା ପରେ ଆଜି ରାଜସ୍ୱ ଓ ଯୋଗାଣ ବିଭାଗର ମିଳିତ ଚଢ଼ଉ କରାଯାଇଥିବାରୁ ରାଇସ୍ ମିଲର୍‌ଙ୍କ ମଧ୍ୟରେ କୋକୁଆଭୟ ପ୍ରକାଶ ପାଇଛି । ଜିଲ୍ଲାର ୧୦ଟି ରାଇସ୍ ମିଲ୍ ଉପରେ ଚଢ଼ଉ କରାଯାଇ ଅନ୍ୟୁନ ୨୨,୨୫୦ ବସ୍ତା ଖରିଫ ଧାନ ଠାବ କରାଯାଇଛି ।

ପ୍ରଶାସନର ନିଷ୍ପତ୍ତି ଅନୁସାରେ ଆସନ୍ତା ୧୫ ତାରିଖରୁ ସମ୍ବଲପୁର ଜିଲ୍ଲାରେ ଆର୍‌ଏମ୍‌ସି ଓ ପ୍ରାଥମିକ ସମବାୟ ସମିତି ଆନୁକୂଲ୍ୟରେ ଧାନ କିଣାବିକା ପାଇଁ ମଣ୍ଡି ଖୋଲିବ । ପ୍ରାୟ ୪୭ ଟି ମଣ୍ଡି ଖୋଲିବାର ନିଷ୍ପତ୍ତି ହୋଇଛି । ମଣ୍ଡିରେ ଚାଷୀମାନଙ୍କ ଠାରୁ ▶▶ ୭

ନିତିଦିନ NITIDIN Tue, Nov 14, 2017
http://odishanewsnitidin.com